Instruction Sheet for

Drupal

ସ୍ପୋକନ୍ ଟ୍ୟୁଟୋରିଆଲ୍ ପ୍ରୋଜେକ୍ଟ ଟିମ୍

ଆଇଆଇଟି ବମ୍ବେ

# 1. ଅଭ୍ୟାସ ପ୍ରକ୍ରିୟା

1. ଆପଣଙ୍କୁ ସ୍ପୋକନ୍ ଟ୍ୟୁଟୋରିଆଲ୍ସ ଓ ଫାଇଲଗୁଡ଼ିକର ଏକ ସେଟ୍ ଦିଆଯାଇଛି.
2. ଆପଣ ଗୋଟିଏ ସମୟରେ ଗୋଟିଏ ଟ୍ୟୁଟୋରିଆଲ୍ କରିବେ.
3. ଆପଣ ସ୍ପୋକନ୍ ଟ୍ୟୁଟୋରିଆଲ୍ ଶୁଣିପାରନ୍ତି ଏବଂ ଭିଡିଓରେ ଦେଖାଯାଇଥିବା ସମସ୍ତ ପଦାଙ୍କୁ ପୁଣିଥରେ କରିପାରନ୍ତି, side-by-side.
4. ଯଦି ଆପଣଙ୍କୁ ଉପରୋକ୍ତ କଠିନ ଲାଗେ, ତେବେ ଆପଣ ସମ୍ପୂର୍ଣ୍ଣ ଟ୍ୟୁଟୋରିଆଲ୍ ଥରେ ଶୁଣି, ଦ୍ୱିତୀୟଥର ଶୁଣିବା ସମୟରେ ଅଭ୍ୟାସ କରିପାରନ୍ତି.

# 2. ଡ୍ରୁପଲ୍

1. ଆପଣଙ୍କ କମ୍ପ୍ୟୁଟରରେ ଥିବା Spoken ନାମକ ଫୋଲ୍ଡରକୁ ଖୋଜି ତାକୁ ଖୋଲନ୍ତୁ (କିମ୍ବା ଆପଣଙ୍କର କୋଅର୍ଡିନେଟର୍/ଇନଷ୍ଟ୍ରକଟର୍ ଙ୍କୁ କୁହନ୍ତୁ)
2. Firefox/Chrome ବ୍ୟବହାର କରି index.html ଫାଇଲ୍ ଉପରେ ରାଇଟ୍ କ୍ଲିକ୍ କରି ଖୋଲନ୍ତୁ. Internet Explorerରେ ଖୋଲନ୍ତୁ ନାହିଁ. IE ସଠିକ୍ ଭାବେ Spoken Tutorialsdକୁ ରେଣ୍ଡର୍ ନକରିପାରେ.
3. ଯଦି, ଉଲ୍ଲିଖିତ କୌଣସି ପଦାଙ୍କ କାମ ନକରେ, ତେବେ ଆପଣ ବ୍ୟବହାର କରୁଥିବା ବ୍ରାଉଜର୍ ଯାଞ୍ଚ କରନ୍ତୁ. ଯଦି ଆପଣ IE ବ୍ୟବହାର କରୁଥା'ନ୍ତି, ତେବେ, ଦୟାକରି ତାକୁ ବନ୍ଦ କରନ୍ତୁ ଓ Firefox/Chromeରେ ଖୋଲନ୍ତୁ.
4. ଡିଫଲ୍ଟ ଭାବରେ **Side-by-Side Method** ଭିଡିଓ ଦେଖାଦିଏ. ଏହା ସରଳ ସ୍ୱ-ଶିକ୍ଷା ପ୍ରଣାଳୀ ବର୍ଣ୍ଣନା କରେ. ଏହି ଟ୍ୟୁଟୋରିଆଲକୁ ପ୍ରଥମେ ଶୁଣନ୍ତୁ. ସ୍ପୋକନ୍ ଟ୍ୟୁଟୋରିଆଲ୍ସ ବ୍ୟବହାର କରି Drupal ଶିଖିବା ପାଇଁ ଆପଣ ଏହି ପଦ୍ଧତିର ଅନୁସରଣ କରିବେ.
5. ସ୍କ୍ରୀନ୍ ଉପରେ, **Select Foss Category** ଡ୍ରପ୍-ଡାଉନ୍ ଉପରେ କ୍ଲିକ୍ କରି **Drupal** ଚୟନ କରନ୍ତୁ.
6. **Select Language** ଡ୍ରପ୍-ଡାଉନ୍ ଉପରେ କରି, ଉପଲବ୍ଧ ଭାଷାରୁ ଆପଣ ଶିଖିବାକୁ ଚାହୁଁଥିବା ଭାଷାର ଚୟନ କରନ୍ତୁ.
7. **Submit** ବଟନ୍ ଉପରେ କ୍ଲିକ୍ କରନ୍ତୁ.
8. ଆପଣଙ୍କ ସିଲେକ୍ସନ୍ ଉପରେ ଭିତ୍ତିକରି ଟ୍ୟୁଟୋରିଆଲଗୁଡ଼ିକର ଏକ ତାଲିକା ଆପଣ ଦେଖିବାକୁ ପାଇବେ.
9. ପ୍ରଦର୍ଶିତ ତାଲିକାରେ ଥିବା ପ୍ରଥମ ଟ୍ୟୁଟୋରିଓଆଲରୁ ଆରମ୍ଭ କରନ୍ତୁ.

# 3. ପ୍ରଥମ ଟ୍ୟୁଟୋରିଆଲ୍: Overview of Drupal

1. **Overview of Drupal** ଟ୍ୟୁଟୋରିଆଲ୍ ଖୋଜନ୍ତୁ.
2. ଏହି ଟ୍ୟୁଟୋରିଆଲ୍, **Drupal** ଓ ଏହି ଟ୍ୟୁଟୋରିଆଲ୍ ଶୃଙ୍ଖଳାର ଅବଲୋକନ ବିଷୟରେ ବର୍ଣ୍ଣନା କରେ
3. ଯଦି ଆପଣ, ସ୍ପୋକନ୍ ବିଷୟବସ୍ତୁ ପାଇଁ ସବ୍-ଟାଇଟଲ୍ ଦେଖିବାକୁ ଇଚ୍ଛା କରନ୍ତି, ତେବେ Spoken ଫୋଲ୍ଡରରେ ଥିବା Readme.txtରେ ପ୍ରଦତ୍ତ ନିର୍ଦ୍ଦେଶାବଳୀ ପାଳନ କରନ୍ତୁ.

4. Player ଉପରେ କ୍ଲିକ୍ କରି ଟ୍ୟୁଟୋରିଆଲ୍ କୁ ଦେଖନ୍ତୁ

5. ଥରେ ଟ୍ୟୁଟୋରିଆଲ୍ ସମ୍ପୂର୍ଣ୍ଣ ହୋଇଗଲା ପରେ, ପ୍ଲେ ଲିଷ୍ଟରେ ୱିଣ୍ଡୋ ଥିବା ପରବର୍ତ୍ତୀ ଟ୍ୟୁଟୋରିଆଲ୍, Installation of Drupal ଉପରେ କ୍ଲିକ୍ କରନ୍ତୁ.

# 4. ଦ୍ୱିତୀୟ ଟ୍ୟୁଟୋରିଆଲ୍: Installation of Drupal

1. **Installation of Drupal** ଟ୍ୟୁଟୋରିଆଲ୍ ଖୋଜନ୍ତୁ

2. ଏହି ଟ୍ୟୁଟୋରିଆଲ୍, **Bitnami Drupal Stack** ବ୍ୟବହାର କରି **Windows OS**, **ଉବୁଣ୍ଟୁ ଲିନକ୍ସ OS**ରେ **Drupal 8** କିପରି ଇନଷ୍ଟଲ୍ କରିବାକୁ ହୁଏ, ବର୍ଣ୍ଣନା କରେ.

3. ଆପଣଙ୍କର ସିଷ୍ଟମ୍ ଆଡମିନ୍ଷ୍ଟ୍ରେଟର୍, ଆପଣଙ୍କ କମ୍ପ୍ୟୁଟରରେ **Bitnami Drupal** ଇନଷ୍ଟଲ୍ କରିସାରିଥିବ.

4. Side-by-Side Method ବ୍ୟବହାର ଅଭାସ କରିବା ପାଇଁ, ଟ୍ୟୁଟୋରିଆଲ୍ ଥିବା ୱେବ୍ ବ୍ରାଉଜର୍ ର ଆକାରକୁ ଆଡଜଷ୍ଟ କରି ଆପଣଙ୍କ ସ୍କ୍ରୀନ୍ ର ବାମପଟ ଅଧା ଭାଗକୁ ନେଇଆସନ୍ତୁ. ଡାହାଣ ଅଧା ଭାଗରେ, **File Browser/Explorer**କୁ ଖୋଲି ଫିଟ୍ କରନ୍ତୁ.

5. ଯଦି ଆପଣ ଲିନକ୍ସ ୟୁଜର୍ ହୋଇଥା'ନ୍ତି, ତେବେ ଭିଡିଓରେ ଥିବା 6:51 ସମୟକୁ ଛାଡ଼ିଦିଅନ୍ତୁ ଏବଂ ସେଠାରୁ ନିର୍ଦ୍ଦେଶ ପାଳନ କରନ୍ତୁ. 7:09ରେ, Drupal-8.1.3-0 ଖୋଲିବାକୁ ଟ୍ୟୁଟୋରିଆଲ୍ ଆପଣଙ୍କୁ କହିବ. ଯଦି ଆପଣଙ୍କ ସିଷ୍ଟମ୍ ରେ Drupalର ନୂଆ ଭର୍ସନ୍ ଥାଏ, ତେବେ ଫୋଲ୍ଡର୍ ନାମରେ ଉଚ୍ଚତମ ସଂଖ୍ୟା ଥିବ. ତାହାକୁ ଖୋଲନ୍ତୁ.

6. ୱିଣ୍ଡୋ ୟୁଜରମାନେ, ଭିଡିଓର 7:27 କୁ ଯାଇ **Bitnami Drupal Manager Tool** କିପରି ଖୋଲାଯାଏ, ଶିଖିପାରନ୍ତି.

7. **Start The Servers** ପାଇଁ ନିର୍ଦ୍ଦେଶ ପାଳନ କରନ୍ତୁ

8. ଯେତେବେଳେ ଆପଣ 8:33ରେ **Go to Application** ଉପରେ କ୍ଲିକ୍ କରିବେ, **Bitnami Drupal Stack** ଶୀର୍ଷକ ଥାଇ ଏକ ନୂଆ ୱିଣ୍ଡୋ ଖୋଲିବ. ଯଦି ତାହା ଏକ ନୂଆ ଟାବ୍ ରେ ଖୋଲେ, ତେବେ ଏକ ନୂଆ ୱିଣ୍ଡୋ କ୍ରିଏଟ୍ କରିବା ପାଇଁ, ତାହା ଉପରେ କ୍ଲିକ୍ କରି ବାହାରକୁ ଟାଣିଆଣନ୍ତୁ.

9. ଉପରୋକ୍ତ **Bitnami Drupal Stack** ୱିଣ୍ଡୋକୁ ରିସାଇଜ୍ କରି **Side-by-Side Method** ପାଳନ କରିବା ପାଇଁ କମ୍ପ୍ୟୁଟର୍ ସ୍କ୍ରୀନ୍ ର ଡାହାଣ ଅଧା ଭାଗରେ ଫିଟ୍ କରନ୍ତୁ.

10. Drupal ୱେବ୍ ସାଇଟର ମୁଖ୍ୟ ପୃଷ୍ଠା ଖୋଲିବା ପାଇଁ **Access Drupal** ଉପରେ କ୍ଲିକ୍ କରନ୍ତୁ.

11. 9:00 ସମୟ ପର୍ଯ୍ୟନ୍ତ ଟ୍ୟୁଟୋରିଆଲ୍ ଅଭ୍ୟାସ ଜାରି ରଖନ୍ତୁ. ଏଠାରେ **Username** ଭାବେ **admin** ଏବଂ Password ଭାବେ drupla8gr8 ପ୍ରଦାନ କରନ୍ତୁ (ଯଦି ଏହା ଭିନ୍ନ ହୋଇଥାଏ, ତେବେ ନିଜ କୋଅର୍ଡିନେଟର୍/ଇନଷ୍ଟ୍ରକଟର୍ ଙ୍କ ସହିତ ଦୟାକରି ଆଲୋଚନା କରନ୍ତୁ).

12. ଟ୍ୟୁଟୋରିଆଲ୍ ଜାରି ରଖନ୍ତୁ ଓ ସମ୍ପୂର୍ଣ୍ଣ କରନ୍ତୁ

# 5. ତୃତୀୟ ଟ୍ୟୁଟୋରିଆଲ୍: Content Management in Admin Interface

1. ଯଦି ୱେବ୍ ସର୍ଭର୍ସ କାମ କରୁନଥାଏ କିମ୍ବା ଯଦି ଆପଣ ଲଗ୍-ଇନ୍ କରିନଥା'ନ୍ତି, ତେବେ ନିମ୍ନୋକ୍ତ ପାଇଁ ଭାଗ 4ରେ 5ରୁ 11 ପର୍ଯ୍ୟନ୍ତ ପଦାଙ୍କରେ ଥିବା ନିର୍ଦ୍ଦେଶାବଳୀ ବ୍ୟବହାର କରନ୍ତୁ
   (କ) ସର୍ଭର୍ସ ଆରମ୍ଭ କରନ୍ତୁ ଓ Drupalର ମୁଖ୍ୟ ପୃଷ୍ଠା ଆକ୍ସେସ୍ କରନ୍ତୁ ଏବଂ
   (ଖ) admin ଭାବେ ଲଗ୍-ଇନ୍ କରନ୍ତୁ

ଯେତେବେଳେବି ଆପଣ ପୁଣିଥରେ ନୂଆ କରି ନିଜ Drupal ସାଇଟ୍ ରେ କାମ କରିବାକୁ ଇଚ୍ଛା କରିବେ, ଆପଣଙ୍କୁ ଉପରୋକ୍ତକୁ ଯାଞ୍ଚ କରିବାକୁ ହେବ. କମ୍ପ୍ୟୁଟର୍ ଶାଟ୍ ଡାଉନ୍, ବ୍ରାଉଜର୍ କ୍ଲିଅର୍ କ୍ୟାଚେ ଆଦି ମଧ୍ୟ ସର୍ଭର୍ସକୁ ବନ୍ଦ କରି ଆପଣଙ୍କୁ ଲଗ୍ ଆଉଟ୍ କରିଦେବେ. ଅନ୍ୟଥା, ଆପଣ ପୂର୍ବବର୍ତ୍ତୀ ଟ୍ୟୁଟୋରିଆଲ୍ ରୁ ଜାରି ରଖିପାରିବେ.

2. ସାମ୍ପ୍ରତିକ ଟ୍ୟୁଟୋରିଆଲର ତଳକୁ ସ୍କ୍ରୋଲ୍ ଡାଉନ୍ କରି **Code Files** ବିଭାଗକୁ ଖୋଜନ୍ତୁ. ଫାଇଲ୍ (ZIP ଆର୍କାଇଭ୍) ଉପରେ କ୍ଲିକ୍ କରି ଡାଉନଲୋଡ୍ କରନ୍ତୁ. ଏଥିରେ logo.png ଫାଇଲ୍ ଅଛି, ଯାହା ଏହି ଟ୍ୟୁଟୋରିଆଲ୍ ପାଇଁ ଦରକାର. ଏହାକୁ ଆପଣ ନିଜର ଗୋଟିଏ ଫୋଲ୍ଡର୍ କୁ କପୀ କରି ବ୍ୟବହାର କରିପାରନ୍ତି, ଯେପରି ଏହି ଟ୍ୟୁଟୋରିଆଲରେ ପରାମର୍ଶ ଦିଆଯାଇଛି.

3. ଏହି ଟ୍ୟୁଟୋରିଆଲ୍ ସମ୍ପୂର୍ଣ୍ଣ କରିବା ପରେ, ଆପଣଙ୍କ ଶିକ୍ଷାକୁ ସୁଦୃଢ଼ କରିବା ପାଇଁ, ପ୍ରଦତ୍ତ **Assignment** ବିଭାଗରେ ଥିବା ସମସ୍ୟାଗୁଡ଼ିକର ସମାଧାନ କରନ୍ତୁ.

# 6. ପରବର୍ତ୍ତୀ ଟ୍ୟୁଟୋରିଆଲ୍ସ

ବିଭାଗ 5ରେ ଉଲ୍ଲିଖିତ ପଦ୍ଧତି ପାଳନପୂର୍ବକ ସମସ୍ତ Drupal ଟ୍ୟୁଟୋରିଆଲ୍ସ ସମ୍ପୂର୍ଣ୍ଣ କରନ୍ତୁ. ବିଶେଷକରି, ପ୍ରତ୍ୟେକ ଟ୍ୟୁଟୋରିଆଲ୍ ପାଇଁ ନିମ୍ନଲିଖିତ କରନ୍ତୁ:

1. ଯଦି ସର୍ଭର୍ ଚାଲୁନଥିବ, ତେବେ ସର୍ଭର୍ ଆରମ୍ଭ କରନ୍ତୁ.
2. ଯଦି ଲଗ୍-ଇନ୍ କରିନଥିବେ, ତେବେ admin ଭାବେ ଲଗ୍-ଇନ୍ କରନ୍ତୁ
3. କୋଡ୍ ଫାଇଲଗୁଡ଼ିକୁ ଡାଉନଲୋଡ୍, କପୀ ଓ ବ୍ୟବହାର କରନ୍ତୁ
4. ଆସାଇନମେଣ୍ଟଗୁଡ଼ିକ କରନ୍ତୁ

# 7. ଆପଣଙ୍କର ଇଂରାଜୀ ଉନ୍ନତ କରନ୍ତୁ

1. ଏହା ସମ୍ଭବ ଯେ, ଆପଣ ଇଂରାଜୀ ଭାଷାକୁ ଭଲ ଭାବେ ଜାଣିନଥିବେ. ଯଦି ତାହା ହୋଇଥାଏ, ତେବେ ଆପଣ ଅନ୍ୟ ଅନେକ ଭାଷାରୁ ଗୋଟିଏ ବାଛିପାରିବେ, ଯେଉଁଥିରେ ଆମେ ଏହି ଟ୍ୟୁଟୋରିଆଲଗୁଡ଼ିକୁ ଡବ୍ କରିଛୁ.

2. ଇଂରାଜୀ ବ୍ୟତୀତ ଆପଣ ଅନ୍ୟ ଏକ ଭାଷା ବ୍ୟବହାର କରିବା ଶିଖିଥିବା କ୍ଷେତ୍ରରେ, ଦୟାକରି ସମସ୍ତ ଟ୍ୟୁଟୋରିଆଲ୍ସଗୁଡ଼ିକୁ ଇଂରାଜୀରେ ପୁନରାବୃତ୍ତି କରନ୍ତୁ. ଏହା, ଆପଣଙ୍କର ଇଂରାଜୀ ଭାଷାର ଦକ୍ଷତା ମଧ୍ୟ ବୃଦ୍ଧି କରିବ.

3. ସମ୍ପ୍ରତି ଅନୁପଲବ୍ଧ ଅନ୍ୟ କୌଣସି ଭାଷାରେ ଯଦି ଆପଣ ଏହି ଟ୍ୟୁଟୋରିଆଲଗୁଡ଼ିକୁ ଡବ୍ କରିବାକୁ ଇଚ୍ଛା କରନ୍ତି, ତେବେ ଦୟାକରି ଆମକୁ ଜଣାନ୍ତୁ.